# NATIONAL NEWS BULLETIN (ODIA)

## 20 October - 2025

## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- ଆଲୋକର ପର୍ବ ଦୀପାବଳି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।
- ସ୍ଥାନୀୟ କାରିଗର ଓ ବ୍ୟବସାୟକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପାର୍ବଣ ଋତୁରେ ସ୍ୱଦେଶୀ ସାମଗ୍ରୀ କ୍ରୟ କରିବା ଲାଗି ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ।
- ଆମେରିକା ରାଷ୍ଟ୍ରପତିଙ୍କ ନୀତିକୁ ବିରୋଧ କରି ପ୍ରତିବାଦ କଲେ ଲକ୍ଷ ଲକ୍ଷ ଆମେରିକୀୟ ।

ଏବଂ

- ଆଇ.ସି.ସି. ମହିଳା ବିଶ୍ୱକପ୍ କ୍ରିକେଟ୍‌ରେ ଭାରତକୁ ୪ ରନ୍‌ରେ ପରାସ୍ତ କଲା ଇଂଲଣ୍ଡ ।

# ଦିୱାଲୀ

ସାରା ଦେଶରେ ଆଜି ପାରମ୍ପରିକ ଉତ୍ସାହ ଏବଂ ଆନନ୍ଦର ସହିତ ଆଲୋକର ପର୍ବ ଦୀପାବଳି ପାଳନ କରାଯାଉଛି । ମନ୍ଦ ଉପରେ ଭଲର ବିଜୟ ଦର୍ଶାଉଥିବା ଏହି ପର୍ବ ଅବସରରେ ଘର, ମନ୍ଦିର ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ଗୁଡ଼ିକୁ ଦୀପ, ଆଲୋକରେ ସଜା ଯାଉଛି । ଏହି ଦିବସରେ ଲୋକମାନେ ଧନର ଦେବୀ ମା' ଲକ୍ଷ୍ମୀଙ୍କୁ ମଧ ପୂଜା କରୁଛନ୍ତି । ବିଭିନ୍ନ ସହରର ମୁଖ୍ୟ ରାସ୍ତା ଓ ବଜାର ଗୁଡ଼ିକୁ ରଙ୍ଗିନ ଆଲୋକ ଓ ଫୁଲରେ ସଜା ଯାଇଛି ।

ଦିଲ୍ଲୀରେ ଦୀପାବଳି ପାଳନ ପାଇଁ ସ୍ୱଦେଶୀ ସାମଗ୍ରୀ ସମେତ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ବଜାରରେ ଭିଡ଼ ବୃଦ୍ଧି ପାଇଛି । ପୁଲିସ୍ ପକ୍ଷରୁ ପ୍ରମୁଖ ବଜାର, ଜନଗହଳିପୂର୍ଣ୍ଣ ସାର୍ବଜନୀନ ସ୍ଥାନ ଏବଂ ବାଣିଜ୍ୟିକ କେନ୍ଦ୍ର ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀଙ୍କୁ ରେଳ ଷ୍ଟେସନ୍, ଆନ୍ତରାଜ୍ୟ ବସ୍ ଟର୍ମିନାଲ୍ ଏବଂ ଅନ୍ୟାନ୍ୟ କେତେକ ସ୍ଥାନରେ ମୁତୟନ କରାଯାଇଛି ।

ଦିଲ୍ଲୀର ପ୍ରମୁଖ ଡାକ୍ତରଖାନା ଏବଂ ଦିଲ୍ଲୀ ଏମସ୍ ଓ ରାମମନୋହର ଲୋହିଆ ହସ୍ପିଟାଲ ସମେତ ଅନ୍ୟ ଡାକ୍ତରଖାନା ଗୁଡ଼ିକରେ ପୋଡ଼ା ଜଳା ଘଟଣାର ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଥିନିମନ୍ତେ ସ୍ୱତନ୍ତ୍ର ୟୁନିଟ୍ ବ୍ୟବସ୍ଥା କରାଯିବା ସହ ଡାକ୍ତର ଓ ନର୍ସମାନଙ୍କୁ ନିୟୋଜିତ କରାଯାଇଛି । ଦିଲ୍ଲୀ ଅଗ୍ନିସମ ବିଭାଗ ପକ୍ଷରୁ ୪୧ଟି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି ।

ସୁପ୍ରିମ୍‌କୋର୍ଟ ଚଳିତ ମାସ ୧୮ରୁ ୨୧ ତାରିଖ ମଧ୍ୟରେ ଦିଲ୍ଲୀ ଏନ୍.ସି.ଆର୍. ଅଞ୍ଚଳରେ ସବୁଜ ବାଣ ବିକ୍ରୟ ଏବଂ ଫୁଟାଇବାକୁ ଅନୁମତି ଦେଇଛନ୍ତି ।

## ଦିଓ୍ବାଲୀ-ପ୍ରେଜ୍-ଭିପି

ଦୀପାବଳି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତର ଲୋକପ୍ରିୟ ପର୍ବଗୁଡ଼ିକ ମଧ୍ୟରୁ ଦୀପାବଳି ଅନ୍ୟତମ । ଲୋକମାନେ ଏହି ପର୍ବକୁ ଅତ୍ୟନ୍ତ ଆନନ୍ଦ ଉତ୍ସାହର ସହ ପାଳନ କରିଥାନ୍ତି । ଅନ୍ଧାର ଉପରେ ଆଲୋକ, ଅଜ୍ଞତା ଉପରେ ଜ୍ଞାନ ଏବଂ ମନ୍ଦ ଉପରେ ଭଲର ବିଜୟର ପ୍ରତୀକ ହେଉଛି ଦୀପାବଳି ପର୍ବ । ରାଷ୍ଟ୍ରପତି ଏହି ପର୍ବ ଆତ୍ମପ୍ରତିଫଳନ ଏବଂ ଆତ୍ମବିକାଶର ପର୍ବ ହେଉ ବୋଲି କହିଛନ୍ତି । ସମସ୍ତଙ୍କୁ ନିରାପଦ, ଦାୟିତ୍ୱପୂର୍ଣ୍ଣ ଏବଂ ପରିବେଶ ଅନୁକୂଳ ଦୀପାବଳି ପାଳନ ଲାଗି ରାଷ୍ଟ୍ରପତି ଆହ୍ୱାନ ଦେଇ ପାରସ୍ପରିକ ସ୍ନେହ ଓ ଭାଇଚାରା ବୃଦ୍ଧି କାମନା କରିଛନ୍ତି । ଦୀପାବଳି ସମସ୍ତଙ୍କ ପାଇଁ ସୁଖ ଶାନ୍ତି ଓ ସମୃଦ୍ଧି ଆଣିବ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଦୀପାବଳି ପର୍ବ ଅବସରରେ ଦେବୀ ଲକ୍ଷ୍ମୀ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ । ସେ ଦେଶବାସୀଙ୍କ ଶାନ୍ତି, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

# ପିଏମ୍-ଦିୱାଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀପାବଳି ପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ନାଗରିକଙ୍କ ଜୀବନ ଆଲୋକିତ ହେବା ସହ ସୁଖ ଏବଂ ସମୃଦ୍ଧି କାମନା କରିଛନ୍ତି ।

# ଦିୱାଲୀ-ବିର୍ଲା

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦୀପାବଳି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଆଗାମୀ ଗୋବର୍ଦ୍ଧନ ପୂଜା ଓ ଭାଇଦୁଜ ପର୍ବ ପାଇଁ ମଧ୍ୟ ଶୁଭକାମନା ଜଣାଇଛନ୍ତି । ତାଙ୍କ ବାର୍ତ୍ତାରେ ଶ୍ରୀ ବିର୍ଲା କହିଛନ୍ତି, ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଆତ୍ମା ହେଉଛି ଦୀପାବଳି ପର୍ବ । ସେ କହିଛନ୍ତି, ଆଜି କେବଳ ଦୀପ ଜାଳି ଦୀପାବଳି ପାଳନ କରିବାର ଅବସର ନୁହେଁ ବରଂ ସମାଜରେ ଏକତା, ଭାଇଚାରା, ପାରସ୍ପରିକ ବିଶ୍ୱାସ ଏବଂ ସମାନତାର ବାର୍ତ୍ତା ପ୍ରଚାର କରିବାର ସମୟ । ନିରାପତ୍ତାର ସହ ଦୀପାବଳି ପର୍ବ ପାଳନ ପାଇଁ ଶ୍ରୀ ବିର୍ଲା ଆହ୍ୱାନ ଦେଇଛନ୍ତି ।

# ପିଏମ୍-ସ୍ୱଦେଶୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୪୦ କୋଟି ଭାରତୀୟଙ୍କୁ ଚଳିତ ପାର୍ବଣ ଋତୁରେ ସ୍ୱଦେଶୀ ସାମଗ୍ରୀ କ୍ରୟ କରିବା ଲାଗି ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ଜରିଆରେ କହିଛନ୍ତି, ପାର୍ବଣ ଋତୁରେ ନାଗରୀକମାନେ ଯେଉଁ ସ୍ୱଦେଶୀ ଦ୍ରବ୍ୟ କିଣୁଛନ୍ତି ତାର ଭିଡ଼ିଓ

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ଉଚିତ୍ । ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମାଇ ଗଭ୍ ଇଣ୍ଡିଆ ପ୍ଲାଟ୍‌ଫର୍ମରେ ଏକ ପୋଷ୍ଟରେ ଶ୍ରୀ ମୋଦୀ ସ୍ୱଦେଶୀ ସାମଗ୍ରୀ କ୍ରୟ ଉପରେ ଗୁରୁତ୍ୱ ଦେଇ କହିଛନ୍ତି, 'ଗର୍ବ୍ ସେ କହୋ ୟେ ସ୍ୱଦେଶୀ ହେ' ।

ଅନ୍ୟ ପକ୍ଷରେ ଦେଶର କାରିଗର ଓ ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ୱଦେଶୀ ସାମଗ୍ରୀ କ୍ରୟ ଅଭିଯାନକୁ ଏକ ଆନ୍ଦୋଳନରେ ପରିଣତ କରିବା ଲାଗି ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଏହାଦ୍ୱାରା ଭାରତ ଆତ୍ମନିର୍ଭର ଏବଂ ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ ହୋଇପାରିବ ।

ଏହି ପଦକ୍ଷେପକୁ ସମର୍ଥନ କରି 'ଦୀପାବଳି ପାଳିବା ଓ ସ୍ୱଦେଶୀକୁ ସଶକ୍ତ କରିବା' ଶୀର୍ଷକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଏଥିରେ ନାଗରୀକମାନେ କେବଳ ସ୍ୱଦେଶୀ ସାମଗ୍ରୀ କିଣିବା ଲାଗି ଶପଥ କରିପାରିବେ । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି, ଭାରତର ସାଂସ୍କୃତିକ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ସ୍ଥାନୀୟ କାରିଗରଙ୍କୁ ସମର୍ଥନ ଯୋଗାଇଦେବା । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ଜରିଆରେ ଭୋକାଲ ଫର୍ ଲୋକାଲ୍ ଅଭିଯାନକୁ ମଧ୍ୟ ଦୃଢ଼ କରାଯାଇପାରିବ । ଏହି ଅଭିଯାନ ମାଧ୍ୟମରେ ସ୍ଥାନୀୟ କାରିଗର, ଉତ୍ପାଦନକାରୀ, ବ୍ୟବସାୟୀ ଏବଂ ଉପଭୋକ୍ତାଙ୍କୁ ସ୍ୱଦେଶୀ ସାମଗ୍ରୀ କିଣାବିକା ଲାଗି ସୁଯୋଗ ପ୍ରଦାନ କରାଯାଇପାରିବ ।

ସ୍ୱଦେଶୀ ସାମଗ୍ରୀ ଆପଣାଇବା ନେଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ—

**V/O- PM-Swadeshi**

# ବିହାର-ପୋଲସ୍

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଛି । ମୋଟ୍ ୨୪୩ଟି ଆସନ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ଟି ବିଧାନସଭା ଆସନ ଲାଗି ଆସନ୍ତା ନଭେମ୍ବର ୧୧ ତାରିଖରେ ଭୋଟ ଗ୍ରହଣ ହେବ । ଆଜି ମଧ୍ୟ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଅନ୍ତିମ ଦିନ । ପ୍ରଥମ ପର୍ଯ୍ୟାୟରେ ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ନିମନ୍ତେ ନଭେମ୍ବର ୬ ତାରିଖରେ ଭୋଟ ଗ୍ରହଣ ହେବ । ଉଭୟ ପର୍ଯ୍ୟାୟର ମତଗ୍ରହଣ ପରେ ନଭେମ୍ବର ୧୪ ତାରିଖରେ ଭୋଟ ଗଣତି କରାଯିବ ।

# ଅଶ୍ୱିନୀ - ଆନନ୍ଦ ବିହାର ଭିଜିଟ୍

ଦୀପାବଳି ଏବଂ ଛଟ୍ ପର୍ବକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କ ନିମନ୍ତେ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା କରିବା ଲାଗି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ବିଳମ୍ବିତ ରାତିରେ ଆନନ୍ଦ ବିହାର ରେଳ ଷ୍ଟେସନ୍ ପରିଦର୍ଶନ କରିଛନ୍ତି । ତାଙ୍କ ସହ ବରିଷ୍ଠ ରେଳ ଅଧିକାରୀମାନେ ମଧ୍ୟ ପରିଦର୍ଶନରେ ଯାଇଥିଲେ । ଗସ୍ତ ସମୟରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଯାତ୍ରୀମାନଙ୍କ ସହିତ ଆଲୋଚନା କରି ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ମତାମତ ସଂଗ୍ରହ କରିଥିଲେ ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଦୀପାବଳି ଏବଂ ଛଟ୍‌ରେ ଦିଲ୍ଲୀରେ ବହୁ ସଂଖ୍ୟକ ଯାତ୍ରୀ ଯାତ୍ରା କରିଥାନ୍ତି ।

ଏହାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ବିଶ୍ରାମ ଅଞ୍ଚଳ ଏବଂ ଟିକେଟ କାଉଣ୍ଟର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି,

**V/O-ASHWINI**

## ଆୟୁଷ୍ - ଅଷ୍ଟିଓପୋରୋସିସ୍ ଡେ

ଅସ୍ଥି କ୍ଷୟକୁ ରୋକିବା ଲାଗି ବୃଦ୍ଧ ଏବଂ ବୟସ୍କ ମହିଳାମାନଙ୍କୁ ଆୟୁର୍ବେଦିକ ପ୍ରତିଷେଧକ ବ୍ୟବସ୍ଥା, ସନ୍ତୁଳିତ ପୁଷ୍ଟିକର ଖାଦ୍ୟ ଏବଂ ଶାରୀରିକ ବ୍ୟାୟାମ ଆବଶ୍ୟକତା ଉପରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ପାଳନ କରାଯାଉଛି । ଏହି ଦିବସର ବାର୍ତ୍ତା ରହିଛି 'ଆୟୁର୍ବେଦ ଜରିଆରେ ଅସ୍ତି ମଜବୁତ୍ କରିବା ଓ ହାଡ଼ ଭାଙ୍ଗିବା ବିପଦକୁ ହ୍ରାସ କରିବା' ।

ଆୟୁଷ୍ ମନ୍ତ୍ରଣାଳୟ ପକ୍ଷରୁ ଦୈନିକ ଜୀବନରେ ଶାରୀରିକ ବ୍ୟାୟାମ ଏବଂ ପୁଷ୍ଟିକର ଖାଦ୍ୟ ସେବନଦ୍ୱାରା ହାଡ଼ ଦୃଢ଼ ହେବା ସହ ହାଡ଼ ଭାଙ୍ଗିବା ବିପଦକୁ ହ୍ରାସ କରାଯାଇପାରିବ ବୋଲି କୁହାଯାଇଛି । ଏଥିନିମନ୍ତେ ପ୍ରତିଷେଧକ ବ୍ୟବସ୍ଥା ଏବଂ ଜୀବନଶୈଳୀରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ୟୁଏସ୍ଏ-ନୋ କିଙ୍ଗସ୍ ପ୍ରୋଟେଷ୍ଟ

ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କ ପ୍ରଶାସନ ଏବଂ ନୀତିକୁ ବିରୋଧ କରି ଲକ୍ଷ ଲକ୍ଷ ଆମେରିକୀୟ ପ୍ରତିବାଦ କରିଛନ୍ତି । ଗଣମାଧ୍ୟମ

ରିପୋର୍ଟ୍ ଅନୁଯାୟୀ ଆମେରିକାର ବିଭିନ୍ନ ସହରରେ ପ୍ରାୟ ୭୦ ଲକ୍ଷରୁ ଅଧିକ ଲୋକ ୨ହଜାର ୭୦୦ରୁ ଅଧିକ ସ୍ଥାନରେ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଟ୍ରମ୍ପ୍ ଦିନକୁ ଦିନ ଗଣତନ୍ତ୍ରର ପଥ ପରିତ୍ୟାଗ କରି ସ୍ୱେଚ୍ଛାଚାରିତା ଆଡ଼କୁ ଯାଉଥିବାରୁ ଆମେରିକୀୟ ଗଣତନ୍ତ୍ରକୁ ରକ୍ଷା କରିବା ଏହି ପ୍ରତିବାଦର ଉଦ୍ଦେଶ୍ୟ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି । ସେମାନେ କହିଛନ୍ତି, ଆମେରିକାରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ, କଠୋର ପ୍ରବାସୀ ଆଇନ୍ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆର୍ଥିକ ନିଅଣ୍ଟ ଭଳି ସମସ୍ୟାକୁ ନେଇ ପ୍ରତିବାଦ କରାଯାଉଛି ।

ଆମେରିକାରେ ଆର୍ଥିକ କଟକଣାକୁ ନେଇ ଉପୁଜିଥିବା ଅଚଳାବସ୍ଥା ସମୟରେ ଏଭଳି ପ୍ରତିବାଦ ସୃଷ୍ଟି ହୋଇଛି । ସେଠାକାର ଅନେକ ରାଜନୈତିକ ନେତା ଏହି ପ୍ରତିବାଦକୁ ସମର୍ଥନ କରିଛନ୍ତି ।

## ଓ୍ୱମେନ୍ କ୍ରିକେଟ୍

ଆଇ.ସି.ସି. ମହିଳା ବିଶ୍ୱକପ୍ କ୍ରିକେଟ୍‌ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ୪ ରନ୍‌ରେ ଭାରତକୁ ପରାସ୍ତ କରିଛି । ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୮୯ରନ୍‌କୁ ପିଛା କରି ଭାରତ ନିର୍ଦ୍ଧାରିତ ୫୦ ଓଭରେ ୬ ଓ୍ୱିକେଟ୍ ହରାଇ ୨୮୪ରନ୍ ସ୍କୋର କରିଥିଲା । ସ୍ମୃତି ମନ୍ଧାନା ୮୮, ହରମନ ପ୍ରିତ୍ କୌର ୭୦ ଏବଂ ଦୀପ୍ତି ଶର୍ମା ଅର୍ଦ୍ଧଶତକ କରିଥିଲେ । ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଇଂଲଣ୍ଡ ୫୦ ଓଭରରେ ୮ ଓ୍ୱିକେଟ୍ ହରାଇ ୨୮୮ରନ୍ କରିଥିଲା । ହେଥର୍ ନାଇଟ୍ ୯୧ଟି ବଲ୍‌ରେ ୧୦୯ରନ୍ ସଂଗ୍ରହ

କରିଥିଲେ । ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଭାରତର ଦୀପ୍ତି ଶର୍ମା ୪ଟି ଏବଂ ଶ୍ରୀଚରଣୀ ଦୁଇଟି ଓ୍ୱିକେଟ୍ ନେଇଥିଲେ ।

ଏହି ବିଜୟ ଫଳରେ ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ଅନ୍ୟ ପକ୍ଷରେ ସେମିଫାଇନାଲ୍‌ରେ ସ୍ଥାନ ପାଇବା ଲାଗି ଭାରତକୁ ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶକୁ ପରାସ୍ତ କରିବାକୁ ପଡ଼ିବ ।

ଆଜି ଭାରତୀୟ ସମୟ ଅପରାହ୍ଣ ୩ଟାରେ ନଭି ମୁମ୍ବାଇର ଡକ୍ଟର ଡି.ଓ୍ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀରେ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।